odia

ଭାରତର ସଂବିଧାନ

ପ୍ରସ୍ତାବନା

ଆମେ **ଭାରତବାସୀ**, ସଂକଳ୍ପ କରୁଛୁ ଯେ ଆମେ ଭାରତକୁ ଏକ [1][**ସାର୍ବଭୌମ ସମାଜବାଦୀ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର**] ରାଷ୍ଟ୍ରଭାବେ ଗଠନ କରିବାକୁ ସମସ୍ତ ନାଗରିକମାନଙ୍କ ପାଇଁ:

ସାମାଜିକ, ଅର୍ଥନୈତିକ ଓ ରାଜନୈତିକ **ନ୍ୟାୟ**;

ବିଚାର, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର **ସ୍ୱାଧୀନତା** ;

ପ୍ରତିଷ୍ଠା ଓ ସୁଯୋଗରେ **ସମାନତା**;

ଏବଂ ସେମାନଙ୍କ ମଧ୍ୟରେ;

[2][ଜାତିର ଏକତା ଏବଂ ଅଖଣ୍ଡତା] ସହିତ ବ୍ୟକ୍ତିବିଶେଷର ମର୍ଯ୍ୟାଦାକୁ ନିଶ୍ଚିତ କରିବାକୁ **ଭ୍ରାତୃଭାବ** ଉଦ୍ରେକ କରାଇବା ପାଇଁ;

ଆମର **ସାମ୍ବିଧାନିକ ସଭାରେ** ଆଜି 26 ନଭେମ୍ବର, 1949, **ଏତଦ୍ଦ୍ୱାରା ଏହି ସଂବିଧାନକୁ ପ୍ରଣୟନ, ଗ୍ରହଣ ଏବଂ ଆତ୍ମସମର୍ପିତ କରୁଛୁ।**

---

[1] ସଂବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 2ଦ୍ୱାରା **"ସାର୍ବଭୌମତ୍ୱ ଗଣତାନ୍ତ୍ରିକ ରାଜ୍ୟ"** ପାଇଁ ପ୍ରତିସ୍ଥାପିତ (3-1-1977 ଠାରୁ କାର୍ଯ୍ୟକାରୀ) ।

[2] ସଂବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 2ଦ୍ୱାରା "ରାଷ୍ଟ୍ରର ଏକତା" ପାଇଁ ପ୍ରତିସ୍ଥାପିତ (3-1-1977 ଠାରୁ କାର୍ଯ୍ୟକାରୀ) ।